# Akashvani, Sambalpur

## SAMBALPURI NEWS EVENING BULLETIN

**16 January 2025- 7.02 pm- 7.12 pm.**

*******************************************

୧- କେନ୍ଦ୍ର ସର୍‌କାରୀ କର୍ମଚାରୀ ଆର୍ ପେନ୍‌ସନ୍ ଭୋଗୀଙ୍କର୍ ଲାଗି ଅଷ୍ଟମ୍ ବେତନ କମିଶନ ଘୋଷ୍‌ନା ।

- ଇସ୍ରୋ ନ ୩ ନମ୍ବର୍ ଲଂଚ୍ ପେଡ୍ ଥାପ୍‌ନାକେ ମିଲ୍‌ଲା କେନ୍ଦ୍ର କେବିନେଟ୍ ମଞ୍ଜୁରୀ ।

୨- ମହାକାଶ୍-ସ୍ପେଶ୍ ଡକିଙ୍ଗ୍ ଷ୍ଟେସନ୍ ଠାନେ ୨ ଟା ଉପଗ୍ରହ ପାର୍କିଂ କଲା ଇସ୍ରୋ ।

୩- ଭାରତୀୟ ଅର୍ଥନୀତିଥି ଷ୍ଟାର୍ଟଅପ୍‌ମାନ୍‌କର୍ ଅବଦାନ୍‌କେ ସୁର୍‌ତା କରିକରି ଆଏଜ୍ ପାଲନ୍ ହଉଛେ ଜାତୀୟ ଷ୍ଟାର୍ଟଅପ୍ ଦିବସ୍ ।

ଆଉର୍

୪- ପଦ୍ମ ପୁରସ୍କାର୍ ବିଜେତାମାନ୍‌କୁ ୩୦ ହଜାର୍ ଟଙ୍କା ଲେଖା ସାହାଜ୍ ଦେବେ ରାଜ୍ୟ ସର୍‌କାର୍ ।

ଅଷ୍ଟମ ବେତନ୍ କମିଶନ୍ ଏନ୍ଏସ୍ଡି

କେନ୍ଦ୍ର ସର୍କାରୀ କର୍ମଚାରୀ ଆର୍ ପେନ୍ସନ୍ ଭୋଗୀଙ୍କର୍ ଲାଗି ଅଷ୍ଟମ ବେତନ୍ କମିଶନ୍ ଗଠନ୍ କର୍ବାର୍କେ ଆଏଜ୍ କେନ୍ଦ୍ର ସର୍କାର୍ ଘୋଷ୍ନା କରିଛନ୍ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ବସିଥିବା କେନ୍ଦ୍ର କେବିନେଟ୍ ବୈଠକ୍ ନ ଅଷ୍ଟମ ବେତନ୍ ପ୍ରସ୍ତାବ୍କେ ଅନୁମୋଦନ୍ ମିଲିଛେ ବଲି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ସେ କହିଛନ୍, ୨୦୨୬ ମସିହା ବେଲ୍କେ ସପ୍ତମ ବେତନ୍ କମିଶନ୍ ଶେଷ୍ ହେବାର୍କେ ଯାଉଛେ । ଅଷ୍ଟମ ବେତନ କମିଶନ୍ ଗଠନ୍ କର୍ବାର୍ ଲାଗି ବେତନ୍ ପେନେଲ୍ ପାଖେ ବହୁତ୍ ସମିଆ ରହେବା । ଖୋବ୍ ଜଲ୍ଦି କମିଶନ୍ର ଅଧ୍ୟକ୍ଷ ଆର୍ କମିଶନର୍ ସଦସ୍ୟ ନିଯୁକ୍ତି ଦିଆଯିବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ଇତାର୍ଛଡ଼ା ଆନ୍ଧ୍ରପ୍ରଦେଶ୍ର ଶ୍ରୀହରିକୋଟାଠାନେ ଥିବା ଭାରତୀୟ ମହାକାଶ୍ ଗବେଷଣା ପ୍ରତିଷ୍ଠାନ୍- ଇସ୍ରୋର ଶତୀଶ୍ ଧୱନ୍ ସ୍ପେଶ୍ ସେଂଟର୍ ଠାନେ ୩ ନମ୍ବର୍ ଲଂଚ୍ ପେଡ୍ ଥାପ୍ନା ପ୍ରସ୍ତାବ୍କେ ଭିଲ୍ ଆଏଜ କେନ୍ଦ୍ର କେବିନେଟ୍ ମଞ୍ଜୁର୍ କରିଛେ । ଇଥିର୍ଲାଗି ୩ ହଜାର୍ ୯ ଶହ ୮୫ କୋଟି ଟଙ୍କା ଖର୍ଚ୍ଚା ହେବା । ଇଟା ଇସ୍ରୋର୍ ଉତ୍କ୍ଷେପଣ୍

କ୍ଷମତା ଆର୍ ଗଗନ ଯାନ ମିଶନ୍‌କେ ପ୍ରୋତ୍ସାହିତ୍ କର୍‌ବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ଇସ୍ରୋ- ଉପଗ୍ରହ ପିଆଇବି

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ-ଇସ୍ରୋ ଆଏଜ୍ ତାର୍ ଦୁଇଟା ଉପଗ୍ରହ 'ଚେଜର୍' ଆଉ 'ଟାର୍ଗେଟ୍'କେ ମହକାଶନ୍ ଥିବା ନିଜର୍ ସ୍ପେସ୍ ଡକିଂ ଷ୍ଟେସନ୍‌ଠାନେ ସଫଲ୍‌ତାର୍ ସଙ୍ଗେ ପାର୍କିଙ୍ଗ୍ କରିଛେ । ଇତାର୍ ସହେତେ ଇସ୍ରୋର୍ ସ୍ପେସ୍ ଡକିଂ ପରୀକ୍ଷଣ-ସ୍ପେଡେକ୍ସ ଅପରେସନ୍ ଆଏଜ୍ ସଫଲ୍ ହେଇଛେ । ସ୍ପେସ୍ ଡକିଙ୍ଗ୍ ଅଭିଯାନ୍‌ର ସଫଲ୍‌ତା ଇସ୍ରୋ ଲାଗି ଗୁଟେ ବଡ଼୍ ଉପ୍‌ଲବ୍ଧି ଆଏ । ମହାକାଶନ ସ୍ପେସ୍ ଡକିଙ୍ଗ ବ୍ୟବସ୍ଥା କର୍‌ବାର୍‌ଥି ଭାରତ୍ ଇହାଦେ ପୁର୍‌ଥିର୍ ୪ ନମ୍ବର୍ ଦେଶ୍ ହେଇଛେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇ ସଫଲ୍‌ତା ଲାଗି ଇସ୍ରୋକେ ଶୁଭେଚ୍ଛା ଜନେଇଛନ୍ । ମହାକାଶ୍‌ନ ଦୁଇଟା ଉପଗ୍ରହ ସଫଲ୍‌ତାର ସହେତେ ପାର୍କିଙ୍ଗ୍ କରି କରି ଭାରତୀୟ ମହାକାଶ ଅଭିଯାନ ଆଏଜ୍ ଐତିହାସିକ୍ ସଫଲ୍‌ତା ପାଇଛେ ବଲି ରାଷ୍ଟ୍ରପତି କହିଛନ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଲ୍ ଇସ୍ରୋ ଆର୍ ବୈଜ୍ଞାନିକ୍‌ମାନଙ୍କୁ ଶୁଭେଚ୍ଛା ଜନେଇଛନ୍ । ଇ ସଫଲ୍‌ତା

ଭାରତର୍ ମହାକାଶ ଅଭିଯାନ୍ ଲାଗି ଆଗ୍‌କେ ରାସ୍ତା ବନ୍‌ବା ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ଇସ୍ରୋର୍ ବୈଜ୍ଞାନିକ୍ ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ସାଧାରଣତନ୍ତ୍ର ଦିବସ୍ ସମାରୋହ        ଏନ୍‌ଏସ୍‌ଡି

ନୂଆଦିଲ୍ଲୀ ନ ଆଏବା ସାଧାରଣତନ୍ତ୍ର ଦିବସ୍ ସମାରୋହଥି ଇଣ୍ଡୋନେସିଆର୍ ରାଷ୍ଟ୍ରପତି ପ୍ରବୋୱୋ ସୁବିଆନ୍ତୋ ମୁଖିଆ କୁନୁଆଁ ହିସାବେ ଯୋଗ୍ ଦେବେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନିଉତା ପାଇକରି ଶ୍ରୀ ସୁବିଆନ୍ତୋ ଆଏବା ୨୫ ତାରିଖ୍ ଦିନ ଦୁଇଦିନିଆ ଭାରତ୍ ଗସ୍ତଥି ଆସ୍‌ବେ ।

ଶିକ୍ଷାନୀତି ୨୦୨୦       I&PR

ରାଜ୍ୟ ସର୍‌କାର୍ ଆଏବା ଶିକ୍ଷାବଛର୍ ୨୦୨୫-୨୬ ନୁ ପ୍ରାଥମିକ ଶିକ୍ଷାଥି ନୂଆଁ ଶିକ୍ଷାନୀତି ୨୦୨୦ ଲାଗୁ କର୍‌ବାର୍ ଲାଗି ରାଜ୍ୟ ଷ୍ଟିଅରିଂ କମିଟି ଗଠନ୍ କରିଛନ୍ । ପ୍ରଫେସର୍ ନିତ୍ୟାନନ୍ଦ ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ଷ୍ଟିଆରିଂ କମିଟିଥି ୧୬ ଝନ୍ ସଦସ୍ୟ ରହିଛନ୍ । ଇ କମିଟି ପାଠ୍ୟଖସଡ଼ା

ବନାବାର୍ ଲାଗି ସମାଜ୍‌ର ଭିନ୍ ଭିନ୍ ବର୍ଗର୍ ଲୁକ୍‌କର୍ ମତାମତ୍ ନେଇକରି ରିପୋର୍ଟ ଦେବେ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।
(ଭଏସ୍ ଓଭର୍- ନିତ୍ୟାନନ୍ଦ ପ୍ରଧାନ୍)

ଜାତୀୟ ଷ୍ଟାର୍ଟଅପ୍ ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର/ କଟକ

ଭାରତୀୟ ଅର୍ଥନୀତିଥି ଷ୍ଟାର୍ଟଅପ୍ ମାନ୍‌କର୍ ଅବଦାନ୍‌କେ ସ୍ୱିକୃତୀ ଦେବାର୍ ଲାଗି ଷ୍ଟାର୍ଟଅପ୍ ପ୍ରତିଷ୍ଠାତାମାନ୍‌କର୍ ସୃଜନଶୀଳତା ଆର୍ ନିଷ୍ଠାକେ ସମ୍ମାନ୍ ଦେବାର୍ ଲକ୍ଷ୍ୟଥି ଫି’ ବଛର୍ ଆଝିର୍ ଦିନ୍‌କେ ଷ୍ଟାର୍ଟଅପ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ୨୦୧୬ ମସିହାଥି କେନ୍ଦ୍ର ସର୍‌କାର୍ ଷ୍ଟାର୍ଟଅପ୍ ଇଣ୍ଡିଆ ଯୋଜ୍‌ନାର୍ ଶୁଭାରମ୍ଭ କରିଥିଲେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୨ ଜାନୁଆରୀ ୧୬ ତାରିଖ୍‌କେ ଜାତୀୟ ଷ୍ଟାର୍ଟଅପ୍ ଦିବସ୍ ଭାବେ ଘୋଷ୍‌ନା କରିଥିଲେ । ଇ ସମିଆ ଭିତ୍‌ରେ ଦେଶେ ୧ ଲାଖ୍ ୫୭ ହଜାର୍‌ନୁ ଅଏତ୍‌କା ଷ୍ଟାର୍ଟଅପ୍ ହେଇଛେ ଆର୍ ଇ ଷ୍ଟାର୍ଟଅପ୍ ମାନ୍‌କୁ ୧୩ ଲାଖ୍ କୋଟି ଟଙ୍କାର୍ ପାଣ୍ଠି ମିଲିଛେ । ଦେଶର୍ ଷ୍ଟାର୍ଟଅପ୍ ମାନ୍‌କର୍ ଭିତ୍‌ରୁ ପାଖାପାଖି ୪୮ ପ୍ରତିଶତ୍ ଷ୍ଟାର୍ଟଅପ୍‌ଥି ଝନେ ମହିଳା ନିର୍ଦ୍ଦେଶକ୍ ଥିବାର୍ ସର୍‌କାରୀ ସୂତ୍ର୍‌ନୁ ଜନାପଡ଼ିଛେ ।

ଦେଶ୍‌କେ ଷ୍ଟାର୍ଟଅପ୍ କ୍ଷେତ୍ରଥି ଗୁଟେ ସବୁନୁ ଭଲ୍ ଜାଗା ନ ପୁହୁଁଚାବାର୍ ଲାଗି ଆଝିର୍ ଯୁବଶକ୍ତି କଳା ଆର୍ କୌଶଲ୍ ଲାଗି

ଆମେ ଗର୍ବିତ୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ ।

ଗଲା ୯ ବରସ୍ ଭିତ୍‌ରେ ଭାରତୀୟ ଷ୍ଟାର୍ଟଅପ୍ ଭିତିଭୂମି ଗୁଟେ ବିଶ୍ୱଶକ୍ତିଥି ପରିଣତ୍ ହେଇଛେ । ନିଯୁକ୍ତି କ୍ଷେତ୍ରଥି ବୈପ୍ଳବିକ୍ ପରିବର୍ତନ୍ ଆସିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

ସ୍ୱାସ୍ଥ୍ୟ, ଶକ୍ତି, ସୂଚନା ପ୍ରସାରଣ୍, କୃତ୍ରିମ ବୁଦ୍ଧିମତା-ଏଆଇ, ଅତ୍ୟାଧୁନିକ୍ ଜ୍ଞାନ୍‌କୌଶଲ୍ ବାଗିର୍ ଭିନ୍ ଭିନ୍ କ୍ଷେତ୍ରଥି ଷ୍ଟାର୍ଟଅପ୍ ଯୋଜ୍‌ନା ବଡ଼ ପରିବର୍ତନ୍ ଆନିଛେ ବଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ ।

ଷ୍ଟାର୍ଟଅପ୍ ଜରିଆଥି ନୂଆଁ ଉଦ୍ୟୋଗୀ ବନାବାର୍ ଦିଗେ ଓଡ଼ିଶା ବହୁତ୍ ଉନ୍ନତି କରିଛେ । ଇହାଦେତକ୍ ରାଏଜେ ୨ ହଜାର୍ ୫୦ ନୁ ଅଏତ୍‌କା ଷ୍ଟାର୍ଟଅପ୍ ଗଠନ୍ ହେଇଛେ । ସେଥିର୍‌ଭିତ୍‌ରୁ ଅଧାନୁ ଅଏତ୍‌କା ଷ୍ଟାର୍ଟଅପ୍ ମହିଳାମାନ୍‌କର୍ ନେତୃତ୍ୱଥି ପରିଚାଲିତ୍ ହେଉଛେ । ଗଲାବଛ୍‌ରେ ରାଏଜେ ୫ ଶହ ୮୭ ଟା ନୂଆଁ ଷ୍ଟାର୍ଟଅପ୍ ଗଠନ୍ କରାଯାଇଛେ । ଇ ମାସ ୨୮ ଆର୍ ୨୯ ତାରିଖ୍‌ଥି ଭୁବ୍‌ନେଶ୍ୱର୍ ଠାନେ ହେବାର୍‌କେ ଥିବା ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ଥି ୪୦ ଟା ଷ୍ଟାର୍ଟଅପ୍‌କେ ଦରବ୍ ପ୍ରଦର୍ଶନ୍ କର୍‌ବାର୍ ସୁଯୋଗ୍ ମିଲ୍‌ବା ବଲି ଷ୍ଟାର୍ଟଅପ୍ ଓଡ଼ିଶାର୍ କାର୍ଯ୍ୟନିର୍ବାହୀ ଅଧିକାରୀ କମଲଜିତ୍ ଦାସ କହିଛନ୍ ।

ମନ୍ କି ବାତ୍        ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୧୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ପଦ୍ମ ପୁରସ୍କାର୍ ବିଜେତା- ସାହାଜ୍ ଟଙ୍କା  ଭୁବ୍ନେଶ୍ୱର୍

ସମ୍ବାଦଦାତା

ରାଜ୍ୟ ସର୍କାର୍ ତର୍ଫୁ ସବୁ ପଦ୍ମ ପୁରସ୍କାର୍ ବିଜେତାଙ୍କୁ ମାସ୍କେ ୩୦ ହଜାର୍ ଟଙ୍କାର୍ ସମ୍ମାନ୍ ସୂଚକ୍ ସହାୟତା ଟଙ୍କା ଦିଆଯିବା । ଇ ବାବ୍‌ଦେ ଓଡ଼ିଆ ଭାଷା, ସାହିତ୍ୟ ଆର୍ ସଂସ୍କୃତି ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ଇ ମାସୁ ସବୁ ପଦ୍ମ ବିଜେତାଙ୍କୁ ଇ ସାହାଜ୍ ଟଙ୍କା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର୍-ଡିବିଟି ଜରିଏ ଦିଆଯିବା । ସଂସ୍କୃତି ବିଭାଗ୍ ତର୍ଫୁ ସବୁ ଜିଲ୍ଲାର୍ ଜିଲ୍ଲାପାଲ୍ ଆର୍ ଜିଲ୍ଲା ସଂସ୍କୃତି ଅଧିକାରୀମାନ୍‌କୁ ପଦ୍ମ ପୁରସ୍କାର୍ ବିଜେତାଙ୍କର୍ ସବିଶେଷ୍ ତଥ୍ୟ ଦେବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ଏଚ୍.ଏମ୍.ପି.ଭି.        ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଇହାଦେତକ୍ ଏଚ୍.ଏମ୍.ପି.ଭି.କେ ନେଇକରି କେନ୍‌ସି ସୂଚ୍‌ନା ନାଇଁ ମିଲି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଡାକ୍ତର୍ ନୀଳକଣ୍ଠ ମିଶ୍ର କହିଛନ୍ ପରୀକ୍ଷା ହେଇଥିବା ନମୁନା ମାନ୍‌କର୍ ଭିତ୍‌ରୁ କେନ୍‌ସିଥି ଭିଲ୍ ସଂକ୍ରମଣ୍‌ର ସୂଚ୍‌ନା ନାଇଁମିଲି । ଏଚ୍.ଏମ୍.ପି.ଭି. ସଂକ୍ରମଣ୍‌କେ ନେଇକରି ନାଇଁ ଡର୍‌ବାର୍‌କେ ସେ ରାଜ୍ୟର୍ ଲୁକ୍‌କୁ କହିଛନ୍ ।

(ଭଏସ୍ ଓଭର୍-ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍)

ଆଦିବାସୀ ମେଳା -ଉଦ୍‌ଯାପନୀ ଉତ୍ସବ        I&PR

ଭୁବ୍‌ନେଶ୍ୱର୍ ପ୍ରଦର୍ଶନୀ ପଡ଼ିଆ ଠାନେ ଆଏଜ୍ ବେଲ୍‌ବୁଡ଼େ ଆଦିବାସୀ ମେଳା ୨୦୨୫ ର ଉଦ୍‌ଯାପନୀ ଉତ୍ସବ୍ ହଉଛେ । କାର୍ଯ୍ୟକ୍ରମ୍‌ଥି ଅନୁସୂଚିତ ଜାତି ଆଉ ଜନଜାତି କଲ୍ୟାଣ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କୁନୁଆଁ ହିସାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇ ଉଧେ ଭିନ୍ ଭିନ୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ମାନ୍ ହେବା ।

ଜିଏମ୍‌ୟୁ-ନିଯୁକ୍ତି ମେଳା ସମ୍ବଲପୁର ସମ୍ବାଦଦାତା

ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ଠାନେ ଆଏଜ୍ ୨ ଦିନିଆ ମେଗା ଆପ୍ରେଂଟିସିପ୍ ଆର୍ ନିଯୁକ୍ତି ମେଳା -୨୦୨୫ ହେଇଯାଇଛେ । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ତର୍‌ଫୁ କରାଯାଇଥିବା କାର୍ଯ୍ୟକ୍ରମ୍‌ଥି ୩୭ ଟା ଭିନ୍ ଭିନ୍ କମ୍ପାନୀର୍ ପ୍ରତିନିଧି ମାନେ ଉପସ୍ଥିତ୍ ଥିଲେ । ଆଝିର୍ ଇ କାର୍ଯ୍ୟକ୍ରମ୍ ମାଧ୍ୟମ୍‌ଥି ୧ ହଜାର୍ ଛାତ୍ରଛାତ୍ରୀଙ୍କୁ ସିଧାସଳଖ୍ ଆପ୍ରେଂଟିସିପ୍ ମାଧ୍ୟମ୍‌ଥି ନିଯୁକ୍ତି ଦିଆଯାଇଛେ । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର୍ ଯୁଗ୍ମ ସଚିବ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି  କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ ।

ସି.ଏମ୍. ଟ୍ରଫି        ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ରେଲ୍‌ୱେ ଷ୍ଟାଡ଼ିୟମ୍ ଠାନେ ଆଏଜ୍ ଜିଲ୍ଲାସ୍ତରୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ସି.ଏମ୍. ଟ୍ରଫି ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ସମ୍ବଲ୍‌ପୁର୍ ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଉଦ୍‌ଘାଟନ୍ କରିଥିଲେ । ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ୧୫ ବଛର୍‌ନୁ କମ୍ ୧୨ ଟା ଫୁଟ୍‌ବଲ୍ ଦଲ୍ ପ୍ରତିଯୋଗିତାଥି ଭାଗ୍ ନେଇଥିଲେ । ଆଏବା ୨୪ ତାରିଖ୍‌ତକ୍ ଇ କାର୍ଯ୍ୟକ୍ରମ୍ ହେବା ।

ସମ୍ବଲ୍‌ପୁର୍ ଧନୁଯାତ୍ରା        ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଚାଲୁଥିବା ସମ୍ବଲ୍‌ପୁରୀ ଧନୁଯାତ୍ରା ଆଏଜ୍ ୨ ନମ୍ବର୍ ଦିନେ କଂସ ମହାରାଜ୍‌ଙ୍କର୍ ନଗର୍ ପରିକ୍ରମା କାର୍ଯ୍ୟକ୍ରମ୍ ହେଇଛେ । ଅଇଁଠାପାଲି ଛକ୍‌ଠାନୁ କଂସ ମହାରାଜ୍‌ଙ୍କର ନଗର୍ ପରିକ୍ରମା ଶୋଭାଯାତ୍ରା କାର୍ଯ୍ୟକ୍ରମ୍ ମୁଲ୍ ହେଇକରି ସହର୍ ସାରା ବୁଲିକରି ଗଙ୍ଗାଧର୍ ମଣ୍ଡପ୍ ଠାନେ ହେଇଥିବା କଂସ ଦର୍‌ବାର୍ ନ ପୁହୁଁଚିଥିଲା ।

ସେଆଡ଼େ ଆଏଜ୍ ବେଲ୍ବୁଡ଼େ କୃଷ୍ଣ ଜନ୍ମ, ମାୟାପତି ଶ୍ରୀହରି ବିଷ୍ଣୁଙ୍କର୍ ଦର୍ଶନ୍, ଶ୍ରୀହରିଙ୍କୁ ଗୋପପୁର ନେବାର୍ ଲାଗି ଆଦେଶ୍ ସହେତେ ପୁତ୍ନାକେ ଗାପପୁର ପଠାବାର୍ ଦୃଶ୍ୟ ଦେଖିବାର୍କେ ମିଲ୍ବା ।

ପକ୍ଷୀ ଗଣ୍ନା ସମ୍ବଲ୍ପୁର୍/ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବନଖଣ୍ଡ ବିଭାଗ୍ ତର୍ଫୁ ତିଖାଲି ଡେମ୍ ଠାନେ ପକ୍ଷୀ ଗଣ୍ନା ଲାଗି ମକ୍ଡ୍ରିଲ୍ ଆର୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଆଏବା ୧୮ ତାରିଖ୍ ଦିନ ଖଡ଼ିଆଲ୍ ବନଖଣ୍ଡ ଅଧୀନ୍ଥି ପକ୍ଷୀ ଗଣ୍ନା କରାଯିବା । ପକ୍ଷୀ ଗଣ୍ନା କାମ୍ ସଖାଲୁ ସଞ୍ଜତକ୍ ଚାଲ୍ବା ବଲି ବନବିଭାଗ୍ ଅଧିକାରୀ ସୂଚ୍ନା ଦେଇଛନ୍ ।

ସେଆଡ଼େ ଆଏବାକାଏଲ୍ ଆର୍ ପର୍ଦିନ ହୀରାକୁଦ୍ ଜଲ୍ଭଣ୍ଡାର୍ ନ ପକ୍ଷୀ ଗନ୍ତି କରାଯିବା । ସେଥିର୍ଲାଗି ଇ ଦୁଇ ଦିନ୍ ପର୍ଯ୍ୟଟକ୍ମାନ୍କର୍ ସହେତେ ମତ୍ସ୍ୟଜୀବୀମାନ୍କର୍ ହୀରାକୁଦ୍ ଜଲ୍ଭଣ୍ଡାର୍ ଭିତର୍କେ ଯିବାର୍ଟା ବନ୍ଦ୍ କରାଯାଇଛେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ରାଂଚିଠାନେ ଚାଲିଥିବା ମହିଳା ବର୍ଗର୍ ମେଚ୍‌ଥି ଆଏଜ୍ ବେଲ୍‌ବୁଡ଼ର୍ ୬ ବଜୁ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଆର୍ ଓଡ଼ିଶା ୱାରିୟର୍ସ ଭିତ୍‌ରେ ଖେଲି ଚାଲିଛେ ।

ସେଆଡ଼େ ପୁରୁଷ ବର୍ଗ ଥି ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଦିଲ୍ଲୀ ଏସ୍.ଜି. ପାଇପର୍ସ ଆର୍ ବେଦାନ୍ତ କଲିଙ୍ଗ ଲାନ୍‌ସର୍ସ ଭିତ୍‌ରେ ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ମେଚ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, କଲାହାଣ୍ଡି, କନ୍ଧମାଲ୍, ନୟାଗଡ୍, କେନ୍ଦୁଝର୍ ନ ଘନାକୁହୁଡ଼ି ଦେଖାଯିବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗଲାକାଏଲ୍ ସବୁନୁ କମ୍ ତାପମାତ୍ରା ଫୁଲ୍‌ବାଣୀ ନ ୯ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା । ଆଏବା ୫ ଦିନ୍‌ତକ୍ ପାଗ୍ ଏନ୍ତା ରହେବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର କହିଛେ ।